ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଅକ୍ଟୋବର ୩୧

# ମାନସିକ ଅବସାଦରୁ ମୁକ୍ତି ପାଇଁ ପରିବାରର ଭୂମିକା



ଶିବମ୍ ପଟ୍ଟନାୟକ

ଆମେ ବେଳେ ବେଳେ କଥା ପ୍ରସଙ୍ଗରେ ଅନ୍ୟକୁ କହିଥାଉ କି – ତୋର ମୁଣ୍ଡ ଖରାପ ହୋଇଯାଇଛି କି କ୍ଷ ତେବେ ଜାଣତରେ ହେଉ ବା ଅଜାଣତରେ ଆମେ ମାନସିକ ସ୍ୱାସ୍ଥ୍ୟ କଥା ହିଁ କହିଥାଉ କ୍ଷ ଏହି କଥାକୁ ସମସ୍ତେ ହାଲୁକା ଭାବରେ ନେଇଥାନ୍ତି କ୍ଷ ମାତ୍ର ଆମକୁ ବୁଝିବାକୁ ହେବ ଯେ ଜଣେ ବ୍ୟକ୍ତିର ଜୀବନରେ ମାନସିକ ସ୍ୱାସ୍ଥ୍ୟ ର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ କ୍ଷ ମାନସିକ ସ୍ୱାସ୍ଥ୍ୟ ଜଣେ ମଣିଷର ଆଚାର, ବିଚାର, କାର୍ଯ୍ୟଶୈଳୀ , ମାନସିକ ଦକ୍ଷତା , ବ୍ୟବହାର ସବୁକୁ ନିୟନ୍ତ୍ରଣ କରିଥାଏ କ୍ଷ ଆମର ଶାସ୍ତ୍ର ପୁରାଣ ମାନଙ୍କରେ ମଣିଷର ଶରୀର କୁ ଓଲଟବୃକ୍ଷ ଭାବରେ ଚିତ୍ରଣ କରାଯାଇଛି କ୍ଷ ଅର୍ଥାତ୍; ଗୋଟେ ବୃକ୍ଷର ମୂଳ ଯେଉଁଭଳି ଭାବରେ ମାଟିରେ ନିହିତ ଥାଇ ତାକୁ ସମସ୍ତ ଆବଶ୍ୟକୀୟ ପୋଷକତ୍ୱ ଯୋଗାଇବା ସହିତ ତାର କ୍ରିୟା, ପ୍ରକ୍ରିୟା କୁ ନିୟନ୍ତ୍ରଣ କରିଥାଏ , ଠିକ୍ ସେହିଭଳି ଭାବରେ ମଣିଷର ମସ୍ତିଷ୍କ ଶରୀରର ଉପର ଭାଗରେ ଥାଇ ମଧ୍ୟ ତାର ବିଭିନ୍ନ ସ୍ନାୟବିକ ପ୍ରକ୍ରିୟା ଦ୍ୱାରା ଆମର ସମସ୍ତ ଶାରୀରିକ ତଥା ମାନସିକ କାର୍ଯ୍ୟକଳାପ କୁ ନିୟନ୍ତ୍ରଣ କରିଥାଏ ।

ଗବେଷଣା କୁହେ – ; ଯଦି ଜଣେ ପ୍ରତେହ ଯୋଗ, ଧ୍ୟାନ, ପ୍ରାଣାୟମ , ବ୍ୟାୟାମ, ପୁସ୍ତକ ପାଠ କରିବା, ସ୍ତୋତ୍ର ମନ୍ତ୍ର ଆଦି ଉଚ୍ଚାରଣ କରିବା ଅଭ୍ୟାସ କରେ ; ତେବେ ଏହା ଦ୍ୱାରା ତାର ବୌଦ୍ଧିକ ବିକାଶ ଘଟିବା ସହିତ ମାନସିକ ସ୍ୱାସ୍ଥ୍ୟ ରେ ଅଭିବୃଦ୍ଧି ଘଟିଥାଏ । ବ୍ୟକ୍ତିର ଆନ୍ତରିକ ଉର୍ଜା ର ପ୍ରକାଶ ଘଟିବା ସହିତ ତା ଭିତରେ ଥିବା ସୃଜନଶୀଳତା, ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଘଟିଥାଏ ।। ମସ୍ତିଷ୍କ ରେ ଥିବା ପିନିଆଲ୍ ଗ୍ରନ୍ଥିରୁ ଅକ୍ସିଟୋସିନ, ଡୋପାମିନ୍, ସେରିନ୍ ଭଳି ଭଲ ସ୍ନାୟୁ ରସ କ୍ଷରଣ ହୋଇ ମସ୍ତିଷ୍କ କୁ ସୁସ୍ଥ ତଥା ସତେଜ ରଖିବା ପାଇଁ ସାହାଯ୍ୟ କରେ କ୍ଷ ଆମ ଭାରତୀୟ ପରମ୍ପରାରେ ପ୍ରାଚୀନ କାଳରୁ ଗ୍ରାମ୍ୟ ଜୀବନର ବସବାସ କରିବା, ଗୁରୁଜନଙ୍କ ଉପଦେଶ ମାନି ଚଳିବା , ଅବସର ସମୟରେ ସନ୍ଧ୍ୟା ସମୟରେ ଭାଗବତ ପାଠ କରିବା, ପୁରାଣ ଚର୍ଚ୍ଚା କରିବା ଆଦି ପ୍ରଚଳିତ ଥିଲା । ଫଳରେ ଆମ ସମାଜରେ ଲୋକ ମାନଙ୍କ ମଧ୍ୟରେ ନିଦ୍ରା ହୀନତା, ମାନସିକ ଅବସାଦ, ମାନସିକ ଚାପ, ଦୁଶ୍ଚିନ୍ତା ଭଳି ସମସ୍ୟା ନଥିଲା । ଯୌଥ ପରିବାରର ପ୍ରଚଳନ କାହିଁ କେତେ କାଳରୁ ରହି ଆସିଥିଲା ଆମ ସମାଜରେ କ୍ଷ ଯୌଥ ପରିବାରରେ ନିଜ ସମ୍ପର୍କୀୟ ମାନଙ୍କ ଗହଣରେ ଜଣେ ଯେତେବେଳେ ଥାଏ , ସେଠି ବ୍ୟକ୍ତି ଜଣକ ନିଜ ଲୋକ ମାନଙ୍କର ସମ୍ପୂର୍ଣ୍ଣ ସମର୍ଥନ ପାଇଥାଏ କ୍ଷ ସମସ୍ତେ ସମସ୍ତଙ୍କର ସୁଖ, ଦୁଃଖ ରେ ସହଭାଗୀ ହେଉଥିବାରୁ କାହାରି ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇନଥାଏ କ୍ଷ ମାତ୍ର କାଳକ୍ରମେ ସମାଜର ଆଧୁନୀକରଣ, ପାଶ୍ଚାତ୍ୟ ସଂସ୍କୃତିର ଅନୁଶୀଳନ, ପାରିବାରିକ ବିବାଦ, ପରିବାର ଭିତରେ ବଢୁଥିବା ଫାଟ ଯୋଗୁଁ ଏକକ ପରିବାର ସଂଖ୍ୟାରେ ବୃଦ୍ଧି ଘଟିଛି ।ବିଶେଷଜ୍ଞ ମାନଙ୍କ ମତରେ ନିଃସଙ୍ଗତା , ଏକକ ପରିବାର ରେ ବାସ କରିବା ମାନସିକ ଚାପ, ସମସ୍ୟା ବୃଦ୍ଧିର ଏକ ପ୍ରମୁଖ କାରଣ । ଆମେ ବ ର୍ମାନ ଏକ ଏଭଳି ସମୟର ଆସି ପହଂଛେ ଯେଉଁଠି ଆମ ପାଖରେ ଫେସବୁକ୍ ରେ ତ ଦଶହଜାର ବନ୍ଧୁ ଅଛନ୍ତି କ୍ଷ ମାତ୍ର ନିଜ ଭାଇ, ଭଉଣୀ ମାନଙ୍କ ସହିତ ସମ୍ପର୍କ ନାହିଁ । ଆମେରିକା ତଥା ଇଉରୋପ ଭଳି ଆମେ ମଧ୍ୟ ସମ୍ପର୍କରେ ଆଉ ପରସ୍ପରର ଭାବନାକୁ ସମ୍ମାନ ଦେଉନାହୁଁ । ଫଳରେ ମାନସିକ ସମସ୍ୟା, ଆତ୍ମହତ୍ୟା ଭଳି ଏକ ଚରମ ପଦକ୍ଷେପରେ ପରିଣତ ହେଉଛି । ତେଣୁ ଆମକୁ ମାନସିକ ଅବସାଦ ଦୂରୀକରଣ କ୍ଷେତ୍ରରେ ପରିବାରର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉପଲବ୍ଧି କରିବାକୁ ହେବ। କ୍ଷ ପରିବାର ରେ ପରସ୍ପର ସ୍ନେହ, ପ୍ରେମ ଶ୍ରଦ୍ଧା, ଆଦର ଓ ଭଲପାଇବା ଦ୍ୱାରା ମାନସିକ ଅବସାଦର ବିନା ଔଷଧରେ ଚିକିତ୍ସା ସମ୍ଭବ ।

*କଳନ୍ତିରା, ବିରିଡି, ଜଗତସିଂହପୁର ,*
*୭୫୪୧୩୦*
*ମୋ : ୯୦୭୮୨୦୫୭୭୭*

# ବିଚାରପତି ଗତିକୃଷ୍ଣ ମିଶ୍ର

*ସୌର ଚନ୍ଦ୍ର ମହାପାତ୍ର*

ଆଇନ ଅଦାଲତ ଦୁନିଆରେ ଜଷ୍ଟିସ ଗତିକୃଷ୍ଣ ମିଶ୍ର ଏକ ସୁପରିଚିତ ନାମ । ନିରପେକ୍ଷ, ନ୍ୟାୟପୂର୍ଣ୍ଣ ବିଚାର ପାଇଁ ସେ ପ୍ରସିଦ୍ଧ ଥିଲେ । ରେଭେନ୍ସା ମହାବିଦ୍ୟାଳୟରେ ବିଜ୍ଞାନରେ ଇ[ରମିଡ଼ିଏଟ ଉ ର୍ଣ୍ଣ ହେବା ପରେ, ପାଟନା ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକୋ ର ଓ ଆଇନ ପଢ଼ିଥିଲେ । ୧୯୪୦ରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ । ୧୯୪୩ରେ ମୁନସ । ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ । ପରେ ଚାକିରିରୁ ଇସ୍ତ ॥ ଦେଇ ପୁନର୍ବାର ଓକିଲାତି କରିଥିଲେ । ଅସାଧାରଣ ପ୍ରତିଭା, କର୍ମନିଷ୍ଠା ଓ ପାରଦର୍ଶିତା ଯୋଗୁଁ ସରକାର, ତାଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେଇଥିଲେ । ୧୯୬୯ରେ ସେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଆସନ ଅଳଂକୃତ କରିଥିଲେ । ମୁଖ୍ୟ ବିଚାରପତି ଥିବାବେଳେ ୧୯୭୨ ଓ ୧୯୭୪ରେ ଆମ ରାଜ୍ୟର କାର୍ଯ୍ୟକାରୀ ରାଜ୍ୟପାଳ ଦାୟିତ୍ୱ ତୁଲାଇଥିଲେ । ନ୍ୟାୟ ବ୍ୟବସ୍ଥାରେ ପରିବ ର୍ନ ଓ ସଂସ୍କାର ଦ୍ୱାରା ଲୋକଙ୍କୁ ନ୍ୟାୟ ମିଳିପାରିବ ଏବଂ ଏଥିପାଇଁ ଓକିଲଙ୍କୁ ତାଲିମ ତଥା ତ୍ୱରାନ୍ୱିତ ବିଚାର ବ୍ୟବସ୍ଥା ପାଇଁ ଅଧିକ ଲୋକ ଅଦାଲତ ପ୍ରତିଷ୍ଠାର ଆବଶ୍ୟକତା ସପକ୍ଷରେ ସେ ଦୃଢ଼ ମତ ପୋଷଣ କରୁଥିଲେ । ୧୯୧୩ ଅକ୍ଟୋବର ୩୧ ତାରିଖ ଦିନରେ ଢେଙ୍କାନାଳ ଜିଲ୍ଲା ଗଇଲୋ ଗ୍ରାମରେ ନ୍ୟାୟମୂ ର୍ି ଗତିକୃଷ୍ଣ ମିଶ୍ର ଜନ୍ମ ଗ୍ରହଣ କରିଥିଲେ । ଆଜିର ଭାରତର ନ୍ୟାୟିକ ବ୍ୟବସ୍ଥା ଓ ବିଳମ୍ବିତ ନ୍ୟାୟକୁ ନେଇ ଯେଉଁପରି ଉଦ୍‌ବେଗଜନକ ପରିସ୍ଥିତି ବେଳେ ବେଳେ ସୃଷ୍ଟି ହେଉଛି ଏପରି ସମୟରେ ବିଚାରପତି ଗତିକୃଷ୍ଣ ମିଶ୍ରଙ୍କ ଆଦର୍ଶଣୀୟ ବିଚାରବନ୍ତ ନ୍ୟାୟ ପଦ୍ଧତିର ଜୀବନ ପ୍ରତିଟି ଆଇନଜୀବୀଙ୍କ ପାଇଁ ସ୍ମରଣୀୟ । ତୀକ୍ଷ୍ଣ ବୁଦ୍ଧି ଆଇନର ସୂକ୍ଷ୍ମାତିସୂକ୍ଷ୍ମ ଓ ଜଟିଳ ଆଇନ କ୍ଷେତ୍ର ଉପରେ ତାଙ୍କର ଅଗାଧ୍ୟ ପାଣ୍ଡିତ୍ୟ ଥିଲା । ତାଙ୍କ ନିରଳସ, ନିରାଡ଼ମ୍ବର, ସରଳ ଜୀବନ ଓ ଯୁବ ଆଇନଜୀବୀଙ୍କ ପାଇଁ ସେ ଯେଉଁପରି ଉଚିତ ନ୍ୟାୟ ପଦ୍ଧତିର ମାର୍ଗ ଦେଖାଉଥିଲେ ତାହାକୁ ଆଜିର ଦିବସରେ ସ୍ମରଣ କରିବା ଅତ୍ୟନ୍ତ ପ୍ରାସଙ୍ଗିକ ।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ବ୍ରସତ୍ୟାଳୟ' ପ୍ଲଟ ନଂ – ୧୦୮୭/ଡ଼ି, ସେକ୍ଟର-୬, କଟକ**

# ସ୍ୱାସ୍ଥ୍ୟ ପାଇଁ ଶାକାହାର ଖାଦ୍ୟ

ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ

ଜୀବ ଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ବୁଝିଥାଉ । ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ । ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ । ଏହି ଖାଦ୍ୟ ଆମିଷ କିମ୍ବା ନିରାମିଷ ହୋଇପାରେ । ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପତି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି ? ଏହି ପ୍ରଶ୍ନର ଉତରରେ ଯୁଗପୁରୁଷୋତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପତି କାହିଁକି ? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ । ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ । ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ । କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଜ୍ଞିବୀତ । ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଂ୍ବା ପାଇଁ ସଂଗ୍ରାମରତ । ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ । ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ । ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଂଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟ-କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ । ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଂ୍ବା ପାଇଁ ସଂଗ୍ରାମ କରିବାକୁ ହୁଏ । ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ । କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ – ଭେଜିଟେବ୍‌ଲମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ । ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ । ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ । ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ । ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ । ଯେଉଁ ପ୍ରାଣୀ ନିମିତ ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ । ଉଦାହରଣ ସ୍ୱରୂପ – ହାତୀ, ଗାଈ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି । କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଥାନ୍ତି । ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି – ଏହି ସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ । ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି । ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତୀ ହୋଇ ଏହା କହିଥାଇପାରନ୍ତି । କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀର ପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି । ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି – ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି ? ଏହା ଉତରରେ ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ । ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତି ହୋଇଗଲା । ସେତେବେଳେ ସେହି ପୋକଭରା ଜମିର ଫସଲ ଖାଇ ପେଟ ଖରାପ ହେଲା । ନାନା ପ୍ରକାର ପୋକଜୋକ ଓ ଛେଳି, ମେଣ୍ଢା ଇତ୍ୟାଦିକୁ ଭଗବାନ ମଣିଷର ଉପକାର ପାଇଁ ହିଁ ସୃଷ୍ଟି କରିଛନ୍ତି । ମଣିଷ ପାଇଁ ଧାନ, ଚାଉଳ ଓ ପନିପରିବା ଇତ୍ୟାଦି ସୃଷ୍ଟି କରିଛନ୍ତି । ଆମିଷାହାରୀ ମାନଙ୍କର କୌଣସି ରୋଗ-ବିରାଗ ହେଲେ ଶରୀର ଯେତେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଏ ନିରାମିଷାଶୀଙ୍କ ତଦ୍‌ଜାତୀୟ ଅସୁସ୍ଥତା ହେଲେ ମଧ୍ୟ ଶରୀର ଏତେଟା କ୍ଷତିଗ୍ରସ୍ତ ହୁଏନାହିଁ । ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତେଜିତ କରେ, ସହନ-ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ । ଦୁଗ୍ଧ ଆମିଷ ଖାଦ୍ୟ ହେଲେ ମଧ୍ୟ କ୍ଷତିକାରକ ନୁହେଁ । କାରଣ ଦୁଗ୍ଧ ପେଟରେ ଯାଇ ଲାକ୍‌ଟିକ୍ ଏସିଡ଼୍ ବ୍ୟାସିଲସ୍ ହୁଏ ଓ ବ୍ୟାସିଲସ୍‌ମାନେ ନିରାମିଷ କୋଷ । ବ୍ୟାକ୍ଟେରିଆମାନେ କିନ୍ତୁ ଆନିମଲ୍ ସେଲ୍ । ଭେଜିଟେବଲ ସେଲ ଆନିମଲ୍ ସେଲ ତୁଳନାରେ କମ୍ ଜୀବନୀ ଶକ୍ତି ସମ୍ପନ୍ନ । ତେଣୁ ସେମାନେ ଶରୀରରେ ଯାଇ ସଞ୍ଜିବୀତ ହେବାକୁ ଚାହାଁନ୍ତି । ସେମାନଙ୍କ ସହିତ ଦେହ କୋଷର ମଧ୍ୟ ବିରୋଧ କମ୍ ହୁଏ । ତେଣୁ ଶରୀରର ଜୀବନ୍ତ କୋଷ ଗୁଡ଼ିକ ବେଶୀ ପୋଷଣ ପାଆନ୍ତି । ନରହତ୍ୟା ଶବ୍ଦରେ ଆମ୍ଭେମାନେ ଆତଙ୍କିତ ହୋଇଉଠୁ କିନ୍ତୁ ଜୀବ ହତ୍ୟା ସମୟରେ ଆମକୁ କଷ୍ଟ ହୁଏନାହିଁ । ଏହିପରି ସହାନୁଭୂତିହୀନ ହୋଇ ପ୍ରବୃତି ସ୍ୱାର୍ଥରେ ମଣିଷକୁ ହତ୍ୟା କରିବା ପାଇଁ ମଧ୍ୟ ମଣିଷକୁ କଷ୍ଟ ହୁଏନାହିଁ । ମଣିଷର ଦନ୍ତକୁ ଭଗବାନ ତୃଣ ଜାତୀୟ ଖାଦ୍ୟ ଖାଇବା ପାଇଁ ଗଢ଼ିଛନ୍ତି । ବାଘ, କୁକୁର ଇତ୍ୟାଦି ମାଂସାଶୀ ପ୍ରାଣୀମାନଙ୍କ ଭଳି ମନୁଷ୍ୟର ଶ୍ୱାନଦନ୍ତ ନାହିଁ । ବରଂ ମଣିଷର ଶ୍ୱାନଦନ୍ତ ଗାଈ, ଘୋଡ଼ା ସହିତ ସମାନ । ବଡ଼ ବଡ଼ ଚିକିତ୍ସକ ଓ ବୈଜ୍ଞାନିକମାନେ ମଧ୍ୟ ନିରାମିଷ ଆହାର ସପକ୍ଷରେ ଅନେକ କଥା କହିଛନ୍ତି । ଏହି ପ୍ରସଙ୍ଗରେ ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ମୋର ମନେହୁଏ ଯେଉଁମାନେ ଉନ୍ନତର ଜୀବନ ଯାପନ କରିବାକୁ ଚାହାଁନ୍ତି ଓ ସୁସ୍ଥ ଦେହରେ ସ୍ୱଚ୍ଛନ୍ଦ ମନରେ କ୍ରମାଗତି ନେଇ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଇବା ହିଁ ଉଚିତ ଓ ଗୋଟିଏ ଜୀବନର ଚେତନା ପ୍ରଗତିକୁ ରୁଦ୍ଧକରି ଆମିଷ ଭକ୍ଷଣ କରିବା ଅନୁଚିତ ।

ଅବସର ପ୍ରାପ୍ତ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ପାଥୋଲୋଜି ବିଭାଗ,
ପିଆରଏମ୍ ମେଡ଼ିକାଲ କଲେଜ,
ବାରିପଦା,
ଦୂରଭାଷ : ୯୪୩୭୦୫୧୯୫୭

# 'ଡିପ୍‌ଫେକ୍'ରୁ ବିପତି



ଉମାଶଙ୍କର ପ୍ରସାଦ

ଡିପ୍‌ଫେକ୍' କହିଲେ ବୈଷୟିକ କୌଶଳ ମାଧ୍ୟମରେ କୌଣସି ଭିଡିଓର ମୌଳିକ ଦୃଶ୍ୟ ଓ ଶ୍ରାବ୍ୟ (ଭିଡିଓ ଓ ଅଡିଓ) ବିଷୟ(କଂଟେଟ୍) ପରିବର୍ତନ କରି ନକଲ ପ୍ରସ୍ତୁତିକୁ ବୁଝାଯାଏ । 'ଫେକ ନିଉଜ'କୁ 'ଅସତ୍ୟ ସମ୍ବାଦ' କୁହାଗଲେ 'ଡିପ୍‌ଫେକ୍'କୁ 'ଅସତ୍ୟ ଦୃଶ୍ୟ' ଭାବରେ ନାମିତ କରାଯାଇପାରେ । 'ଡିପ୍‌ଫେକ୍' ଭିଡିଓ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସିର ଜଟିଳ ସୂତ୍ରାବଳୀ ଆଧାରିତ । ଏଭଳି ସଫ୍ଟୱେର ସହଜରେ ଓ ମାଗଣାରେ ଡେସ୍କଟପ ଓ ସ୍ମାର୍ଟଫୋନ ଆପ ଆକାରରେ ଜାନୁୟାରୀ ୨୦୧୮ରୁ ସର୍ବସାଧାରଣରେ ଉପଲବ୍ଧ । ନଭେମ୍ବର ୨୦୨୨ରେ ଜେନେରେଟିଭ ଆର୍ଟିଫିସିଆଲ ଇଂଟିଲିଜେନ୍ସିର ଲୋକାର୍ପଣ ଏହି ଦିଗରେ ପ୍ରଶସ୍ତ କ୍ଷେତ୍ର ସୃଷ୍ଟି କଲା । ଫଳରେ ମାତ୍ର ପାଂ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩ ଶେଷ ସୁଦ୍ଧା ବିଶ୍ୱବ୍ୟାପୀ 'ଡିପ୍‌ଫେକ୍' ଭିଡିଓ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଲା ।

ଫଟୋଗ୍ରାଫି ଓ ସିନେମା କଳାକୌଶଳ ଉଦ୍ଭାବନ ପରେ ପରେ ଅସଲି ଚିତ୍ରରେ ନକଲି ଖଞ୍ଜିବା ଆରମ୍ଭ ହୋଇଯାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧୋତର ପରିବେଶରେ ଡିଜିଟାଲ ଭିଡିଓ ପ୍ରଚଳନ ପରେ ଏହି କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ଘଟିଥିଲା । ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସି ଉପଯୋଗରେ ଏବଂ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ବୈଷୟିକ କୌଶଳ ସହଜରେ ଉପଲବ୍ଧ ହେବା ପରେ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଅବସ୍ଥାପିତ ଗବେଷକମାନେ ଏଥିରେ ସାମିଲ୍ ହୋଇଥିଲେ । ସୋସିଆଲ ମିଡିଆ 'ରେଡିଟ'ରେ ୨୦୧୭ରେ 'ଡିପ୍‌ଫେକ୍' ନାମକ ଏକ ଶୃଙ୍ଖଳ ସୃଷ୍ଟି କରାଯାଇଥିଲା । ଏହି ଅନଲାଇନ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ଗବେଷକମାନେ ମଂଚରେ ନିଜେ ପ୍ରସ୍ତୁତ କରିଥିବା 'ଡିପ୍‌ଫେକ୍' ଭିଡିଓ ଚିତ୍ରଗୁଡ଼ିକ ପ୍ରଦର୍ଶନ କରୁଥିଲେ । ତେବେ ଏହା ଅଧ୍ୟୟନକୈନ୍ଦ୍ରିକ ଥିବା ହେତୁ ଅନ୍ୟମାନଙ୍କ ନଜରକୁ ଆସୁନଥିଲା କିମ୍ବା ଉପାଦାନ ସମ୍ପର୍କରେ ପ୍ରଶ୍ନ ଉଠୁନଥିଲା ।

ପ୍ରାଥମିକ ସ୍ତରରେ ମୁଖ୍ୟତଃ 'ଡିପ୍‌ଫେକ୍' ଭିଡିଓଗୁଡ଼ିକରେ ଅନଲାଇନରେ ଉପଲବ୍ଧ ଅର୍ଦ୍ଧନଗ୍ନ ବା ନଗ୍ନ ଶରୀରରେ ଖ୍ୟାତନାମା ଚଳଚ୍ଚିତ୍ର ଅଭିନେତ୍ରୀ ଓ ଅଭିନେତାଙ୍କ ମୁଖମଣ୍ଡଳର ଚିତ୍ର ଯୋଡ଼ାଯାଉଥିଲା । ଦ୍ୱିତୀୟସ୍ତରରେ ଭିଡିଓରେ କଥାବାର୍ତା ପରିବର୍ତନ କରିବା ବା କଣ୍ଠସ୍ୱର ପରିବର୍ତନ କରିବାର ସାମର୍ଥ୍ୟ ହାସଲ ହେଲା । ଫଳରେ ଅସଲି ଭିଡିଓକୁ ନକଲିରେ ପରିବର୍ତିତ କରି ଦର୍ଶକଙ୍କ ପାଇଁ ଉଭୟ ଦୃଶ୍ୟ ଓ ଶ୍ରାବ୍ୟ ପ୍ରମାଣରେ ସତ୍ୟ ପ୍ରତୀୟମାନ ହେଲା । ତେବେ ତୃତୀୟସ୍ତରରେ ଏହି ବୈଷୟିକ କୌଶଳ ଉପଯୋଗରେ ଅପରାଧିକ କାର୍ଯ୍ୟକଳାପ ଆରମ୍ଭ ହୋଇଗଲା । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚିତ୍ର ନକଲ କରି ଯୌନାଚାର ଦୃଶ୍ୟ, ପ୍ରତିହିଂସା ଉଦ୍ଦେଶ୍ୟରେ ଅପରକୁ ନିନ୍ଦିତ କରିବା ଲାଗି ପ୍ରଚେଷ୍ଟା, ଅସତ୍ୟ, ଗୁଜବ ଓ ଅତିରଞ୍ଜିତ ସମ୍ବାଦ ପ୍ରସାର, ଅପବାଦ ଓ ଅର୍ଥନୈତିକ ଅପରାଧ ଲାଗି 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହେଲା । ଚତୁର୍ଥସ୍ତରରେ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ 'ଡିପ୍‌ଫେକ୍' ଭିଡିଓ ଉପଯୋଗ ରାଜନୀତିକସ୍ତରରେ ଚିନ୍ତାର କାରଣ ପାଲଟିଛି ।

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନ ୨୦୨୦ରେ 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହୋଇଥିବା ଅଭିଯୋଗ ହୋଇଥିଲା । ପରବର୍ତୀ ପର୍ଯ୍ୟାୟରେ ବ୍ରିଟେନ, ଆର୍ଜେଂଟିନା, ସୋଲଭିକିଆ, ଦକ୍ଷିଣ କୋରିଆ ଆଦି ରାଷ୍ଟ୍ରରେ ଅନୁଷ୍ଠିତ ନିର୍ବାଚନରେ 'ଡିପ୍‌ଫେକ୍'ର ପ୍ରାଦୁର୍ଭାବ ଅନୁଭୂତ ହୋଇଥିଲା । ଭାରତରେ ୨୦୨୩ରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଅମିତାଭ ବଚ୍ଚନ 'କୌନ ବନେଗା କରୋଡ଼ପତି' ମଂରୁ ବିଜେପି ମୁଖ୍ୟମନ୍ତ୍ରୀଙ୍କୁ ମିଛୁଆ ଅଭିହିତ କରି କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସପକ୍ଷରେ ମନ୍ତବ୍ୟ ରଖିଥିବା 'ଡିପ୍‌ଫେକ୍' ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ବିଜେପି ପକ୍ଷରୁ ନିର୍ବାଚନ କମିଶନ ଓ ପୁଲିସ ନିକଟରେ ଏଥିନେଇ ଅଭିଯୋଗ ଦାୟର ହୋଇଥିଲା । ସେହି ସମୟରେ ବଲିଉଡ୍ ଚଳଚ୍ଚିତ୍ର ଅଭିନେତ୍ରୀ ରଶ୍ମିକା ମନ୍ଦାନା, କ୍ୟାଟ୍ରିନା କୈଫ ଓ କାଜଲଙ୍କୁ ନେଇ ପ୍ରସ୍ତୁତ ନଗ୍ନ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବା ପରେ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହେଲା ।

ବିଶେଷଜ୍ଞମାନେ ଭାରତରେ 'ଡିପ୍‌ଫେକ୍' ଭିଡିଓ ପ୍ରଚଳନ ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ସତର୍କ କରାଇଦେଇଛନ୍ତି । ଏଥିନେଇ ପ୍ରଦ୍ୟୋଗ ମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦବେଗ ପ୍ରକାଶ କରିଛନ୍ତି । ଦେଶରେ ୨୦୨୩ ଓ ୨୦୨୪ରେ ସାଧାରଣ ନିର୍ବାଚନ ସଙ୍ଗେ ବହୁ ରାଜ୍ୟରେ ବିଧାନସଭା ନିର୍ବାଚନ ପଞ୍ଜିକା ଥିବା ହେତୁ ରାଜନୀତିକସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଛି । 'ଡିପ୍‌ଫେକ୍' କବଳରେ ଭାରତୀୟ ନିର୍ବାଚନ ସମ୍ପର୍କରେ ବିଚାରବିମର୍ଶ କଲାବେଳେ କେତେକ ଦିଗ ଗୁରୁତ୍ୱ ବହନ କରିଥାଏ ।

ପ୍ରଥମତଃ, ଭାରତରେ ଇଂଟରନେଟ ବ୍ୟବହାର କରୁଥିବା ଜନସଂଖ୍ୟା ମାର୍ଚ୍ଚ ୨୦୨୩ ସୁଦ୍ଧା ୮୫ କୋଟିରେ ପହଂଚିଥିବା ସରକାରୀ ହିସାବରୁ ଜଣାଯାଏ । ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକ ଅନଲାଇନରେ ସମ୍ବାଦ ଆହରଣ କରୁଥିବା 'କାନ୍ତାର-ଗୁଗୁଲ' ପକ୍ଷରୁ ଆକଳନ କରାଯାଇଛି । ରାଜନୈତାଙ୍କ ପ୍ରତି ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତନ କରିବାରେ ଅନଲାଇନ ସାଧନର ପ୍ରଭାବ ଅନେକ ରହିଛି । ତେଣୁ ଅନଲାଇନ ସମ୍ବାଦ ବିତରଣରେ 'ଡିପ୍‌ଫେକ୍' ନିର୍ବାଚନ ପ୍ରଚାରକୁ ପ୍ରଭାବିତ କରିବା ଆଶଙ୍କା ଅମୂଳକ ନୁହେଁ ।

ଦ୍ୱିତୀୟତଃ, ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ କରିବା ନିମନ୍ତେ ଚରିତ୍ରଗୁଡ଼ିକ ସମ୍ପର୍କରେ ବହୁ ସଂଖ୍ୟାରେ ତଥ୍ୟ ଆବଶ୍ୟକ ପଡୁଥିଲା । କିନ୍ତୁ ବତମାନ ମାତ୍ର ମିନଟ କିମ୍ବା ଦୁଇ ମିନଟର ତଥ୍ୟରେ କ୍ଲୋନିଂ ବା ଅବିକଳ ପ୍ରତିକୃତି ପ୍ରସ୍ତୁତି ସମ୍ଭବ ହୋଇପାରୁଛି । ଏଥିନିମନ୍ତେ ସଫଟୱେର ସହଜରେ ସମସ୍ତଙ୍କୁ ମିଳିପାରୁଛି । ଯେ କେହି ଅଭ୍ୟାସ କରି 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତିରେ ଦକ୍ଷତା ହାସଲ କରିପାରିବ । ଏହି ସବୁ କାରଣରୁ ଭବିଷ୍ୟତରେ ଅଧିକ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ ହେବାର ଆଶଙ୍କା ଅମୂଳକ ନୁହେଁ ।

ତୃତୀୟତଃ, ଆମ ଦେଶରେ ଇଂଟରନେଟ ସଂଯୁକ୍ତି ବଢ଼ିଚାଲିଥିବା ଅବସରରେ ଇଂଟରନେଟ ବ୍ୟବହାର ତଥ୍ୟ ମୂଲ୍ୟ ଆନ୍ତର୍ଜାତିକସ୍ତରରେ ପ୍ରାୟତଃ ସର୍ବନିମ୍ନସ୍ତରରେ ରହିଆସିଛି । ଫଳରେ ଭିଡିଓ ଉପଭୋଗ ସୁଗମ ହୋଇପାରିଥିବା ବେଳେ ଅଧିକ ସଂଖ୍ୟାରେ ଡାଉନଲୋଡ ଓ ସେୟାର ମଧ୍ୟ ସମ୍ଭବ ହୋଇପାରୁଛି । ଏହି ପରିବେଶ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବାରେ ସହାୟକ ।

ଚତୁର୍ଥତଃ, 'ଡିପ୍‌ଫେକ୍' ଭିଡିଓ ରାଜନୈତିକ କ୍ଷେତ୍ରରେ ବ୍ୟବହାର ଆଲୋଚନା କଲା ବେଳେ ଏହାର ପ୍ରଯୋଜନା ଇତିହାସରେ ଆମୂଳଚୁଳ ପରିବର୍ତନ ଦୃଷ୍ଟିକୁ ଆସିଥାଏ । ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଖର୍ଚ୍ଚବହୁଳ ଥିବା ଏବଂ କେବଳ ଜାତୀୟସ୍ତରରେ ବହୁ ଅର୍ଥ ଠୁଳ କରିପାରିଥିବା ରାଜନୈତିକ ଦଳଗୁଡ଼ିକ ପକ୍ଷେ ପ୍ରସ୍ତୁତି ସମ୍ଭବ ଥିଲା । କିନ୍ତୁ ୨୦୨୩ ସୁଦ୍ଧା ଏହି ବୈଷୟିକ କୌଶଳ ବ୍ୟବହାର ସାର୍ବଜନୀନସ୍ତରରେ ଉପଲବ୍ଧ ଥିବା, ଏପରିକି ଗ୍ରାମପଂଚାୟତସ୍ତରରେ ପ୍ରସ୍ତୁତି ଓ ପ୍ରସାର ସମ୍ଭବ ହୋଇପାରୁଛି । ତେଣୁ ୨୦୨୪ ନିର୍ବାଚନ ପ୍ରଚାରରେ 'ଡିପ୍‌ଫେକ୍' ଭିଡିଓର ପ୍ରଭାବ ଅଧିକ ରହିବ ବୋଲି ଆକଳନ କରାଯାଇଛି ।

ପଂମତଃ, ଭାରତରେ ଇଂଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବାରୁ ଏବଂ ମୁଖ୍ୟତଃ ଭିଡିଓ ଆହରଣ କରୁଥିବାରୁ ବିଭିନ୍ନ ଭାରତୀୟ ଭାଷାଭାଷୀ ଉପଭୋକ୍ତାଙ୍କୁ ଭାଇରାଲ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି କ୍ଷେତ୍ରରେ ସମ୍ଭାଳିବା ସହଜ କଥା ନୁହେଁ । ସୋସିଆଲ ମିଡିଆରେ ପ୍ରସାର ଖୁବ କମ ସମୟରେ କୌଣସି ଭିଡିଓକୁ ଭାଇରାଲ କରିପକାଏ । ଆମ ଦେଶର ଆଇନକାନୁନ ସଶକ୍ତ । କିନ୍ତୁ 'ଡିପ୍‌ଫେକ୍' ଭିଡିଓଟିଏ ଠାବ କରି ତାହା ହଟାଇବା ପାଇଁ ସାମାଜିକ ଗଣମାଧ୍ୟମ ମଂଚକୁ ଜନସାଧାରଣ ଅନୁରୋଧ ବା ସରକାର ନିର୍ଦ୍ଦେଶ ଦେବା ଆଗରୁ ବିଶାଳ ଜନସଂଖ୍ୟାଙ୍କଠାରେ ପହଂଚିସାରିଥିବ । 'ଡିପ୍‌ଫେକ୍' ଭିଡିଓ ସ୍ୱୟଂକ୍ରିୟ ବା ଆପେ ଆପେ ଚିହ୍ନଟ କରାଯାଇପାରିବା ବୈଷୟିକ କୌଶଳ ବାସ୍ତବ କ୍ଷେତ୍ରରେ ଉପଯୋଗ ପ୍ରାୟତଃ ଅସମ୍ଭବ ମନେହୁଏ ।

'ଡିପ୍‌ଫେକ୍' ଭିଡିଓ ପ୍ରସାର ଲାଭ କରିବା ବିଗତ ପାଂ ବର୍ଷର ଇତିହାସରୁ ଜଣାଯାଏ ଯେ ଏହି ବୈଷୟିକ କୌଶଳ ବିକାଶ ବର୍ଷକ ମଧ୍ୟରେ ଦ୍ୱିଗଣିତ ହେବାରେ ଲାଗିଛି । ସେହିପରି ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ବଢୁଛି । ଏତାଦୃଶ ଜଟିଳ ପରିବେଶରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଓ ପ୍ରସାରଣକୁ ରୋକିବା ନିମନ୍ତେ ଆନ୍ତର୍ଜାତିକସ୍ତରରେ ବିଭିନ୍ନ ରାଷ୍ଟ୍ର ଆଇନ ପ୍ରଣୟନ ଦିଗରେ ତତ୍ପର । ୟୁରୋପୀୟ ରାଷ୍ଟ୍ରସଂଘ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୩ ଶେଷ ସୁଦ୍ଧା ଏ ଦିଗରେ ପ୍ରାଥମିକ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ଭାରତରେ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ୍ ୨୦୨୧ ଅନୁଯାୟୀ କୌଣସି ଆପତିଜନକ ଉପାଦାନ ଠାବ ହେଲେ ସାମାଜିକ ଗଣମାଧ୍ୟମ ମଂଗୁଡ଼ିକ ଅଭିଯୋଗ କିମ୍ବା ନିର୍ଦ୍ଦେଶ ପାଇବାର ୩୬ ଘଂଟା ମଧ୍ୟରେ ହଟାଇବା ନିମନ୍ତେ ବାଧ୍ୟ । କିନ୍ତୁ ଏହି ୩୬ ଘଂଟାର ମହଲତ ଆଧୁନିକ ଅନଲାଇନ ପରିବେଶରେ ସୁଦୀର୍ଘ ମନେହୁଏ । ଏହି ସମସ୍ୟାର କିପରି ସମାଧାନ କରାଯାଇପାରିବ ତାହା ଏକ ଅସମାହିତ ପ୍ରଶ୍ନ ।

'ଡିପ୍‌ଫେକ୍' ଭିଡିଓ ସାଧାରଣରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଉପଭୋକ୍ତାଙ୍କ ଭୂମିକା ମୁଖ୍ୟ ସ୍ଥାନ ଅଧିକାର କରିଥାଏ । ଗବେଷଣାରୁ ଜଣାଯାଏ ଯେ ଅଧିକାଂଶ କ୍ଷେତ୍ରରେ ଅନଲାଇନ ଶିଷ୍ଟାଚାର ସମ୍ପର୍କରେ ଅଜ୍ଞତା ଓ କୌତୁହଳ କାରଣରୁ ଭିଡିଓ ସେୟାର ହୋଇଥାଏ । ବିଶେଷଜ୍ଞମାନେ କହିଆସୁଛନ୍ତି ଯେ ଗଣମାଧ୍ୟମ ସାକ୍ଷରତା, ଅର୍ଥାତ ଉପଭୋକ୍ତାଙ୍କୁ ଗଣମାଧ୍ୟମର ପ୍ରଭାବ ତଥା ଉଚିତ ଓ ଅନୁଚିତ ବ୍ୟବହାର ସମ୍ପର୍କରେ ସତର୍କ କରାଗଲେ ସୁଫଳ ମିଳିବ । ବିଶେଷଜ୍ଞଙ୍କ ମତରେ ଅସତ୍ୟ ସମ୍ବାଦ ଗଣତାନ୍ତ୍ରିକ ଶାସନରେ କିପରି କୁପ୍ରଭାବ ପକାଉଛି ସେ ସମ୍ପର୍କରେ ଯେତେ ଅଧିକ ସଂଖ୍ୟକ ସାମାଜିକ ଗଣମାଧ୍ୟମ ଉପଭୋକ୍ତା ଅବଗତ ହେବେ, ସେହି ସଂଖ୍ୟାରେ 'ଡିପ୍‌ଫେକ୍' ଭିଡିଓର ବ୍ୟବହାର ହ୍ରାସ ପାଇବ ।

ଆମ ଦେଶରେ ନଭେମ୍ବର ୨୦୨୩ ମଧ୍ୟପ୍ରଦେଶ ଘଟଣା ପରେ ପ୍ରଧାନମନ୍ତ୍ରୀ ଗଣମାଧ୍ୟମ ସାକ୍ଷରତା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି । ଏ ଦିଗରେ ସମୁଚିତ ପଦକ୍ଷେପ ଜରୁରୀ । ଆଂଚଳିକସ୍ତରରେ ଗଣମାଧ୍ୟମ ସାକ୍ଷରତା ପ୍ରସାର ଦିଗରେ ଦେଶର ସାମ୍ବାଦିକତା ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିପାରିବେ । ଏ ଦିଗରେ ବିଶ୍ୱବିଦ୍ୟାଳୟ ମଞ୍ଜୁରି କମିଶନ ସାମାନ୍ୟ ଅନୁଦାନ ସହ ଏକ ମଡେଲ ସମଗ୍ର ଦେଶରେ କାର୍ଯ୍ୟକାରୀ କରିପାରିବେ । ପରବର୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକୁ ଜାତୀୟ ସେବା ଯୋଜନା(ଏନଏସଏସ) ମାଧ୍ୟମରେ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇପାରିବ ଏବଂ ୨୦୨୪ ନିର୍ବାଚନ ପୂର୍ବରୁ ସାମାଜିକ ଗଣମାଧ୍ୟମ ଶିଷ୍ଟାଚାର ସାଙ୍ଗକୁ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଦେଶର ଅଧିକାଂଶ ଜନସାଧାରଣଙ୍କୁ ସଚେତନ କରାଯାଇପାରିବ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Friday October 31 ଭୁବନେଶ୍ୱର ଶୁକ୍ରବାର, ୩୧, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# କିଶୋରୀମାନଙ୍କ ସୁରକ୍ଷା ଓ ସଶକ୍ତିକରଣ ପାଇଁ ଉତ୍କଳ ଆଲୁମିନାର ୯୦ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ରାୟଗଡା,(ପି.ଏନ): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପ୍ର ସହଯୋଗୀ କମ୍ପାନୀ ପକ୍ଷରୁ ସରକାରୀ ବିଦ୍ୟାଳୟର କିଶୋରୀମାନଙ୍କ ପାଇଁ ୯୦ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ ହୋଇଯାଇଛି । ସ୍ଥାନୀୟ କିଶୋରୀମାନଙ୍କ ସୁରକ୍ଷା ଓ ଆତ୍ମବିଶ୍ୱାସ ଗଢି ତୋଳିବା ଉଦ୍ଦେଶ୍ୟ ନେଇ ଉତ୍କଳ ଆଲୁମିନା ସିଏସଆର୍ ତରଫରୁ ଏହି ପ୍ରୟାସ ଆରମ୍ଭ ହୋଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଉଦଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏସଡିପିଓ ଶ୍ରୀ ଗୌରହରି ସାହୁ, ଟିକିରି ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱବନ୍ଦିନୀ ବାଗ୍, ଦୋରାଗୁଡ଼ା ଥାନା ଅଧିକାରୀ ଶ୍ରୀମତୀ କିରଣ ସାମଲ, ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ଉଗ୍ରସେନ ନାଏକ, ଶ୍ରୀମତୀ ପ୍ରଭା ମିଶ୍ର, ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବକୁଳାରାଣୀ ଦାସ ଏବଂ ସିଏସ୍ଆର୍ ଏଫ୍ଏଚ୍ ଶ୍ରୀମତୀ ଲୋପମୁଦ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଶିବିର ଜିଲ୍ଲାପାଳ ମହୋଦୟଙ୍କ ସମ୍ମତିକ୍ରମେ ଅନୁଷ୍ଠିତ ହୋଇଥିବା ବେଳେ ଆଗାମୀ ଦିନରେ ଏହା କାଶୀପୁର ବ୍ଲକ୍ର ପାଂଚଟି ଉଚ୍ଚ ବିଦ୍ୟାଳୟର ୫୦୦ କିଶୋରୀଙ୍କୁ ତିନିମାସ ଅର୍ଥାତ୍ ୯୦ ଦିନର ପ୍ରଶିକ୍ଷଣ ପ୍ରଦାନ କରାଯିବା ନେଇ ଧାର୍ଯ୍ୟ ହୋଇଛି । ଏହି ଶିବିର ଜରିଆରେ ସ୍ଥାନୀୟ କିଶୋରୀମାନଙ୍କ ମାନସିକ ବିକାଶ, ଶାରୀରିକ ସୁସ୍ଥତା ଓ ଆତ୍ମରକ୍ଷା କୌଶଳ ପ୍ରଦାନ କରାଯିବ । ଉକ୍ତ ଶିବିରରେ ତାଲିମ ପ୍ରାପ୍ତ ପ୍ରଶିକ୍ଷକମାନେ କିଶୋରୀମାନଙ୍କୁ କାରାଟେ, ତାଇକୋଣ୍ଡୋ ଏବଂ ଓ୍ୱୁସୁ ଭଳି ଯୁଦ୍ଧକଳାର ମୂଳ କୌଶଳ ଶିଖାଇବେ । ଉକ୍ତ ଉଦଘାଟନୀ ସଭାରେ ଅତିଥିମାନେ ଆତ୍ମରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ ସମ୍ପର୍କରେ ଉଦବୋଧନ ଦେଇ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଦ୍ୱାରା ନାରୀ ସଶକ୍ତିକରଣ, ମହିଳା ଓ କିଶୋରୀମାନଙ୍କ ଉପରେ ହୋଇଥିବା ହିଂସା ନିବାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅବସରରେ ଏସଡିପିଓ ଶ୍ରୀ ସାହୁ ସାଇବର ସୁରକ୍ଷା ସଂକ୍ରାନ୍ତରେ କହିଥିଲେ ଯେ, ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ମଧ୍ୟ ଆତ୍ମରକ୍ଷା କୌଶଳର ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିଥିଲେ । ଏହାପରେ ପ୍ରଶିକ୍ଷକମାନଙ୍କ ଦ୍ୱାରା ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରାଯାଇଥିଲା ଯାହା ଉପସ୍ଥିତ ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା । ଓଡ଼ିଶା ସରକାରଙ୍କ ଦ୍ୱାରା ସମଗ୍ର ରାଜ୍ୟରେ କିଶୋରୀ ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ ଜରିଆରେ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଇଥିବା ସ୍ଥଳେ ଉତ୍କଳ ଆଲୁମିନା ପକ୍ଷରୁ ଅନୁରୂପ କାର୍ଯ୍ୟକ୍ରମ ଜରିଆରେ ପାର୍ଶ୍ୱସ୍ଥ ଗ୍ରାମା*ଳ କିଶୋରୀ ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଦାନ କରି ସେମାନଙ୍କୁ ସୁରକ୍ଷିତ ଓ ସଶକ୍ତ ପୀଢ଼ି ଭାବେ ଗଢ଼ି ତୋଳାବା ଉଦ୍ଦେଶ୍ୟ ନେଇ ଏହାକୁ ଆରମ୍ଭ କରାଯାଇଛି । ଏହି ଶିବିର ଆତ୍ମରକ୍ଷା ଓ କିଶୋରୀ ସଶକ୍ତିକରଣ ଦିଗରେ ଅନୁଭବୀ ସଂସ୍ଥା ଗାର୍ଡେନ ଦ୍ୱାରା କାର୍ଯ୍ୟକାରୀ ହେବ । ଉକ୍ତ ଶିବିରରେ ପ୍ଲାଂଟ ସିଏସଆର୍ ମୁଖ୍ୟ ଶ୍ରୀ ଦିଗନ୍ତ ମହାନ୍ତି, ସିଏସଆର ଟିମ୍ ସଦସ୍ୟ ଶ୍ରୀ ରୂପେନ ପଟ୍ଟନାୟକ, ଶ୍ରୀମତୀ ସତ୍ୟଭାମା ନାୟକ ଓ ଗାର୍ଡେନ ଏନଜିଓର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ରାୟଗଡ଼ ଜିଲ୍ଲାରେ ମାଦକ ଦ୍ରବ୍ୟ ଚାଷ ଓ ଚୋରାଚାଲାଣ ନିବାରଣ ପାଇଁ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ



ରାୟଗଡ଼,(ପି.ଏନ): ଜିଲ୍ଲାରେ ଅବାଧ ମାଦକ ଦ୍ରବ୍ୟ ଚାଷ ଓ ଚରାଚାଲାଣକୁ ରୋକିବା ପାଇଁ ଆଜି ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକାର୍ଣ୍ଣିଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ଓସ୍ୱାନ ସଭାଗୃହରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ରାୟଗଡ଼ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ. କୁମାର, ଗୁଣୁପୁର ଉପଜିଲ୍ଲାପାଳ ଶ୍ରୀ ଦୁଧଲ ଅଭିଶେଖ ଦିଲ୍ଲିପ ଆଓ୍ୱାସି ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବୈଠକରେ ମାଦକ ଦ୍ରବ୍ୟ ଗଂଜେଇ ଚାଷ ଓ ଚୋରା ଚାଲାଣ ରୋକିବା, ନିଶାସେବନ ଓ ଅବାଧ ବାଣିଜ୍ୟ ଉପରେ ତଥ୍ୟ ସଂଗ୍ରହ କରି କଠୋର ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ଶ୍ରୀ କୁଲକାର୍ଣ୍ଣି ଜୋର ଦେଇ କହିଥିଲେ ଯେ, ମାଦକ ଚାଷ ଅ*ଳର ଲୋକମାନଙ୍କୁ ବିକଳ୍ପ ଜୀବିକା ସୁଯୋଗ ଯୋଗାଇବା ପାଇଁ ସରକାରୀ ଯୋଜନାଗୁଡ଼ିକ ମାଧ୍ୟମରେ ସହଯୋଗ କରାଯିବ । କୃଷି ଓ ଉଦ୍ୟାନ ବିଭାଗକୁ ଗଂଜେଇ ଚାଷ ବଦଳରେ ଫଳ, ମସଲା ଓ ଅର୍ଥକାରୀ ଫସଲ ଚାଷ ପାଇଁ ପ୍ରୋତ୍ସାହନ ଓ ମଞ୍ଜି ସହାୟତା ଯୋଗାଇବା ନିର୍ଦେଶ ଦେଇଥିଲେ । ସେ ଏହା ସହିତ କହିଥିଲେ ଯେ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ମାଦକ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଆବଶ୍ୟକ । ଅବକାରୀ ବିଭାଗକୁ ମାଦକ ଦ୍ରବ୍ୟ ବ୍ୟାପାର ରୋକିବା ନିମନ୍ତେ ସକ୍ରୀୟ ଭାବରେ ପଦକ୍ଷେପ ନେବା ନିର୍ଦେଶ ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମମତା ସାହୁ, ଜିଲ୍ଲା କୃଷି ଅଧିକାରୀ ଏହେସନ ସହିତ ବିଭିନ୍ନ ଶାଖାର ଅଧିକାରୀମାନେ ଯୋଗଦାନ କରିଥିଲେ ।

# ଓ.ପି. ଜିନ୍ଦଲ ସ୍କୁଲରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଅନୁଗୁଳ,(ପି.ଏନ):ଓଡ଼ିଶା ସରକାର ଓ ଓଡ଼ିଶା ପୋଲିସର ମିଳିତ ଆନୁକୂଲ୍ୟରେ ଅନୁଗୁଳର ଓ.ପି. ଜିନ୍ଦଲ ସ୍କୁଲରେ ସାଇବର ସୁରକ୍ଷା ଏବଂ ସଚେତନତା ଉପରେ ଏକ ସ୍ୱତନ୍ତ୍ରକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ, ଅତିଥି ଭାବେ ଯୋଗ ଦେଇଥିବା ଅତିରିକ୍ତ ଏସ୍.ପି. ସୁଶ୍ରୀ ଉପାସନା ପାଢୀ, ଡି.ଏସ୍.ପି.( ଡିଆଇବି) ସୁଶ୍ରୀ ଜିଜ୍ଞାସା ବେହେରା ଏବଂ ଅନୁଗୁଳ ନିଶାସ୍ଥିତ ପୋଲିସ ଷ୍ଟେସନର ସମ୍ମାନିତ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇଥିଲେ । ।ପ୍ରାରମ୍ଭରେ, ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏକ ଭିଡିଓ ବାର୍ତାକୁ ପ୍ରଦର୍ଶିତ କରାଯାଇଥିଲା । ଏହାପରେ ଅଧିକାରୀମାନେ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ସୁରକ୍ଷାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ସଚେତନ କରିଥିଲେ । ଏହି ଅଧିବେଶନରେ ହ୍ୟାକିଂ, ସିମ୍ ସ୍ୱାପିଂ, ଫିସିଂ ଏବଂ ଅନଲାଇନ୍ ପାଇରେସି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା ।କାର୍ଯ୍ୟକ୍ରମ ଶେଷରେ ଡକ୍ଟର ଅଶ୍ୱିନୀ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ସ୍କୁଲରେ ଏଭଳି ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ପୋଲିସ ବିଭାଗର ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ବିଶ୍ୱ ମିତବ୍ୟୟିତା ଦିବସ ୨୦୨୫ ପାଳିତ

ଜଗତସିଂହପୁର, (ପି ଏନ) : ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଆର୍ଥିକ ସେବା ଓ ସ*ୟ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସଦଭାବନା ସଭାଗୃହ ଠାରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଇଛି । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଅଧକ୍ଷତା କରି ଭବିଷ୍ୟତ ପାଇଁ ସ*ୟ କରିବାକୁ ପ୍ରୋତ୍ସାହନ ଦେଇଥିଲେ । ଜିଲ୍ଲା ଆର୍ଥିକ ସେବା ଓ ସ*ୟ ଅଧିକାରିଣୀ ମୌସୁମୀ ମଧୁସ୍ମିତା ମିତବ୍ୟୟିତା ଓ ସ*ୟ ର ଆବଶ୍ୟକତା ଓ ଗୁରୁତ୍ୱ କୁ ଆଲୋଚନା କରିଥିଲେ । ସେହିପରି ଉନ୍ନୟନ ଅଧିକାରୀ, ଡାକ ଜୀବନ ବୀମା – ଶ୍ରୀ ହୃଷୀକେଶ ବେହେରା ଡାକଘର ରେ ଉପଲବ୍ଧ ଜାତୀୟ ଯୋଜନା, ବୀମା ତଥା ସ*ୟ ଯୋଜନା ଗୁଡ଼ିକୁ ବିସ୍ତୃତ ଭାବେ ବୁଝାଇଥିଲେ । ଇଣ୍ଡିଆ ପୋଷ୍ଟ ପେମେ[ ବ୍ୟାଙ୍କ ସିନିୟର୍ ମ୍ୟାନେଜର ଶ୍ରୀ ରବି ରାଉତ ଇଣ୍ଡିଆ ପୋଷ୍ଟ ପେମେ[ ବ୍ୟାଙ୍କ ର ବିଭିନ୍ନ ଦ୍ୱାରା ରୁ ଦ୍ୱାରା ସେବା, ଜାତୀୟ ଯୋଜନା, ବୀମା ଆଦିକୁ ଆଲୋଚନା କରିଥିଲେ । ଜଗତସିଂହପୁର ର ସବ୍ ଇନ୍ସପେକ୍ଟର ଶ୍ରୀ ବିବେକ ସାହୁ ସାଇବର ଠକେଇ ଓ ଏହା ଠାରୁ କିପରି ଭାବେ ଆମେ ସୁରକ୍ଷିତ ରହିବା ତାହା ଉପରେ ମତବ୍ୟକ୍ତ କରିଥିଲେ । ଅଜଣା ନମ୍ବରରୁ କଲ୍ ଆସିଲେ ନ ଉଠାଇବା, ନିଜର ପାସ୍ ଓ୍ୱାର୍ଡ ଓ ଓଟିପି ଆଦି ଅଜଣା ବ୍ୟକ୍ତିଙ୍କୁ ନ ଦେବା ବିଷୟରେ ବିଶଦ ଆଲୋଚନା କରିଥିଲେ । ଶେଷରେ ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର , ପ୍ରମାଣ ପତ୍ର ସହ ମାଟି ଘଡି (କୁମ୍ପି) ପ୍ରଦାନ କରାଯାଇଥିଲା । ଏହି ସଭାରେ ସବ୍ ଇନ୍ସପେକ୍ଟର ଶ୍ରୀ ବିବେକ ସାହୁ, ଉନ୍ନୟନ ଅଧିକାରୀ, ଡାକ ଜୀବନ ବୀମା – ଶ୍ରୀ ହୃଷୀକେଶ ବେହେରା, ଇଣ୍ଡିଆ ପୋଷ୍ଟ ପେମେ[ ବ୍ୟାଙ୍କ ସିନିୟର୍ ମ୍ୟାନେଜର ଶ୍ରୀ ରବି ରାଉତ, ଜଗତସିଂହପୁର ମୁଖ୍ୟ ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ଶ୍ରୀ ମିହିର କୁମାର ରାମ ପ୍ରମୁଖ ଯୋଗ ଦେଇ ମିତବ୍ୟୟିତା ଓ ସ*ୟ ର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ ।

# ରାୟଗଡାରେ ବିଶ୍ୱ ମିତବ୍ୟୟୀତା ଦିବସ ପାଳିତ



ରାୟଗଡା,(ପି.ଏନ): ରାୟଗଡା ଜିଲ୍ଲାସଂସ୍କୃତି ଭବନ ଠାରେ ବିଶ୍ୱ ମିତବ୍ୟୟୀତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ଅର୍ଥନୈତିକ ବିକାଶରେ ସ୍ୱଳ୍ପ ସଂଚୟର ଗୁରୁତ୍ୱପୂର୍ଣ୍ଣ ଭୂମିକା । ତେଣୁ ଜନସାଧାରଣ ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନାରେ ସେମାନଙ୍କର କଷ୍ଟଲବ୍ଧ ସମ୍ବଳକୁ ସୁବିନିଯୋଗ କରି ଦେଶର ପ୍ରଗତିରେ ସହାୟତା ହେବା ବୋଲି କହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାୟଗଡା ଜିଲ୍ଲା ସ୍ୱଳ୍ପ ସଂଚୟ ଏବଂ ଆର୍ଥିକ ଅରନ୍ତଭୁକ୍ତିକରଣ ଅଧିକାରୀ ମନୋଜ କୁମାର ନାହାକ ଦିବସର ମହତ୍ୱ ଏବଂ ତାତ୍ପର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା ଏବଂ ଏଥିରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ସେଥି ମଧ୍ୟରୁ ଆକାଶ ରଞ୍ଜନ ପାଢ଼ୀ, ପ୍ରଥମ ସ୍ଥାନ ଅଧିକାର, ଦ୍ୱିତୀୟ ସ୍ଥାନ ସ୍ୱପ୍ନାଶ୍ରୀ ଶତପଥି ଓ ତୃତୀୟ ସ୍ଥାନ ଶୁଭଶ୍ରୀ ପଣ୍ଡା କରିଥିଲେ । ଏହି ପ୍ରତିଯୋଗିତାର ବିଷୟ – ନିୟମିତ ସ*ୟର ଆବଶ୍ୟକତା ଓ ଅନ୍ଲାଇନ ଆର୍ଥିକ ଠକେଇ ସମ୍ପର୍କିତ ସଚେତନତା ଥିଲା । ଏହି ସଚେତନା ସଭାରେ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡା ଡାକ ଡିଭିଜନର ପୋଷ୍ଟ Master ତାରିଣୀ ମହାନ୍ତି,ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଅତିରିକ୍ତ କୋଷାଧକ୍ଷ ଅଧିକାରୀ ପଙ୍କଜ କୁମାର ମଣ୍ଡଳଙ୍କ ସମେତ ସାମ୍ବାଦିକ ବନ୍ଧୁ ଏବଂ ସ୍ୱଳସଂଚୟ ଏଜେଂଟ ବୃନ୍ଦ ଉପସ୍ଥିତ ରହିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray